# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା -୧୬ (ଓଡ଼ିଆ ବୁଲେଟିନ୍) ସପ୍ତାହ - ୦୮ ତାରିଖ: ୨୩.୦୨.୨୦୨୪

# ବୌଦ୍ଧ

ଭାରତ ପାଣିପାଗ ବିଜ୍ଞାନ ବିଭାଗ,ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହର ଅନ୍ତିମ ଦିନରେ ଅତି ସ୍ବଳ୍ପ ବର୍ଷା ହେବାର ସମ୍ଭାବନା ଅଛି ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ସଫା କିମ୍ବା ଆଂଶିକ ମେଘାଚ୍ଛନ୍ନ ରହିପାରେ । ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୨ ରୁ ୩୬ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୨୦ ରୁ ୨୧ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୬୧% ରୁ ୯୨% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୭% ରୁ ୨୯% ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ୭ ରୁ ୧୧ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ ପୂର୍ବ କିମ୍ବା ଉତ୍ତର ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି ।

| ତାରିଖ | ୨୪-୦୨-୨୦୨୪ | ୨୫-୦୨-୨୦୨୪ | ୨୬-୦୨-୨୦୨୪ | ୨୭-୦୨-୨୦୨୪ | ୨୮-୦୨-୨୦୨୪ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | ୦ | ୩ | ୧ | ୦ | ୦ |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | ୩୬ | ୩୩ | ୩୨ | ୩୨ | ୩୨ |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | ୨୧ | ୨୦ | ୨୦ | ୨୦ | ୨୦ |
| ସମ୍ପୂର୍ଣ ମେଘ ଆବରଣ(ଓକଟା) | ୪ | ୨ | ୨ | ୧ | ୧ |
| ସର୍ବାଧିକ ଆପେକ୍ଷିକ ଆଦ୍ରତା (ଶତକଡା %) | ୭୨ | ୯୨ | ୮୦ | ୭୪ | ୬୧ |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | ୧୭ | ୨୬ | ୨୯ | ୨୭ | ୨୫ |
| ପବନ ବେଗ (କିମି/ଘଣ୍ଟା ପ୍ରତି) | ୮ | ୧୦ | ୧୧ | ୧୧ | ୭ |
| ପବନ ଦିଗ (ଡିଗ୍ରୀ) | ୭୯ | ୧୧୫ | ୧୪୮ | ୧୧୨ | ୧୪୮ |

ଅଧିକ ଜାଣିବା ପାଇଁ , ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ୱର, ଟେଲିଫୋନ # ୦୬୭୪-୨୫୯୬୧୧୬ ରେ ଯୋଗାଯୋଗ କରନ୍ତୁ

## ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଜ୍ଞାନ ବିଭାଗର ପୂର୍ବାନୁମାନ ଅନୁଯାଇ ଆଗାମୀ ୫ ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନା ରହିଅଛି ତେଣୁ ଚାଷୀ ଭାଇମାନଙ୍କୁ ବାହାରେ କଟା ହୋଇ ରଖା ହୋଇଥିବା ରବି ଫସଲକୁ ସୁରକ୍ଷିତ ଜାଗାରେ ରଖିବା ତଥା ଫସଲ କାଟିବା କାର୍ଯ୍ୟ କିଛି ଦିନ ପାଇଁ ସ୍ଥଗିତ ରଖିବାକୁ ଏବଂ ଜଳସେଚନ ତଥା ଯେକୌଣସି ପ୍ରକାରର ଔଷଧର ପ୍ରୟୋଗ କାର୍ଯ୍ୟ କାଳି ଭିତରେ କରିବାକୁ କିମ୍ବା ଅତି ଜରୁରୀ ନ ଥିଲେ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି ।
- ଗ୍ରୀଷ୍ମକାଳିନ ପନିପରିବା ଯେପରିକି କଖାରୁ ଜାତୀୟ ପରିବା, ଟମାଟର, ଲଂକା ଇତ୍ୟଦୀ ଚାଷ ପାଇଁ ନର୍ସରୀରେ ବିହନ ବୁଣା ଏବଂ ଭେଣ୍ଡି ଚାଷ ପାଇଁ ବର୍ଷା ଛାଡ଼ିଲା ପାରେ ଆର୍ଦ୍ର ମାଟିରେ ଖେତକୁ ଜୋତିବା କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି ।
- ବର୍ତ୍ତମାନ ପାଣିପାଗର ଯେଉଁ ସ୍ଥିତି ରହିଅଛି ତାହା ଫସଲରେ ରୋଗ ପୋକ ଆକ୍ରମଣ ପାଇଁ ଅନୁକୂଳ ଅଟେ ତେଣୁ ଏହାର ନିୟମିତ ନିରୀକ୍ଷଣ କରନ୍ତୁ ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଆ ଧାନ | ରୋପଣ ଅବସ୍ଥା | ୨୧ ରୁ ୨୫ ଦିନ କିମ୍ବା ତା'ଠୁ ଅଧିକ ଦିନ ପୁରୁଣା ତଳିର ରୋପଣ କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ପରାମର୍ଶ ଦିଆଯାଉଛି । ଚାଷୀ ଭାଇମାନେ ଘାସମରା ଔଷଧ ହିସାବରେ ବେନସଲଫ୍ୟୁରାନ ମିଥାଇଲ @ ୪ କିଲୋ ପ୍ରତି ଏକର ସହିତ ପ୍ରେଟିଲାକ୍ଲୋରକୁ ମିଶାଇ ଧାନ ରୁଆର ୫ ରୁ ୮ ଦିନ ମଧ୍ୟରେ କିମ୍ବା ୫ ଗ୍ରାମ ପାଇରାଜୋସଲଫ୍ୟୁରାନ ଇଥାଇଲ ୧୦% wp କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ରୋଇବାର ୩ ରୁ ୫ ଦିନ ମଧ୍ୟରେ କିମ୍ବା ବିସ୍ପାରିବେକ୍ ସୋଡିଅମର ୧୨୦ ମିଲୀ କୁ ୧୪୦ ଲିଟର ପାଣିରେ ମିଶାଇ ଏକର ପିଛା ରୋଇବାର ୧୦ ରୁ ୧୫ ଦିନ ମଧ୍ୟରେ ଶୁଷ୍କ ପାଗକୁ ଦେଖି ସିଂଚନ କରନ୍ତୁ । |
| ମୁଗ ଏବଂ ବିରି | ପୁଷ୍ପ ଏବଂ ଫଳ | ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା ଅଛି ତେଣୁ ମୁଗ ଓ ବିରି ଖେତରେ ଆବଶ୍ୟକତା ଅନୁଯାୟୀ ପାଣି ରଖି |

| | | |
|---|---|---|
| | ଅବସ୍ଥା | ଅଧିକ ଜଳର ନିଷ୍କାସନ ପାଇଁ ଉଚିତ ପ୍ରବନ୍ଧ କରିବାକୁ ପରାମର୍ଶ ଦିଆଯାଇଅଛି । ଯଦି ମୁଗ ଓ ବିରି ଜାତୀୟ ଫସଲରେ ସାହେବୀ ରୋଗର ଲକ୍ଷଣ ଦେଖାଯାଏ ଯାହାକି ଧଳା ମାଛି ଦ୍ବାରା ବ୍ୟାପିଥାଏ ତେଣୁ ଧଳା ମାଛିର ନିୟନ୍ତ୍ରଣ ପାଇଁ ପ୍ରତି ଏକର ପିଛା ୪୦ ଗ୍ରାମ ଏସିଟାମିପ୍ରିଡକୁ ୨୦୦ ରୁ ୨୫୦ ଲିଟର ପାଣିରେ ମିଶାଇ ବର୍ଷା ଛାଡ଼ିଲା ପରେ ଶୁଷ୍କ ପାଗକୁ ଦେଖି ଖେତରେ ପ୍ରୟୋଗ କରନ୍ତୁ । |
| ରାଶି | ବିହନ ବୁଣିବା / ବନସ୍ପତି ବିକାସ | ଏକର ପିଛା ୨ ରୁ ୨.୫ କିଲୋ ବିହନ ହିସାବରେ ରାଶିର ବୁଣା କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି । ବିହନ ବୁଣିବା ପୂର୍ବରୁ ୨ ଗ୍ରାମ ବାଭିସ୍ଟିନ କୁ ପ୍ରତି କିଲୋ ବିହନ ହିସାବରେ ବିଶୋଧନ କରନ୍ତୁ ଏବଂ ଏହାର ବିହନର ଆକାର ଛୋଟ ହୋଇଥିବାରୁ ବୁଣିବା ସମୟରେ ବିହନରେ ବାଲି କିମ୍ବା ମାଟି ମିଶାଇ ଧାଡ଼ିରେ ବୁଣନ୍ତୁ । ରାଶି ପାଇଁ ଉପଯୁକ୍ତ ସାରର ମାତ୍ରା ହେଲା ୩୦:୨୦:୨୦ NPK କିଲୋଗ୍ରାମ ପ୍ରତି ହେକ୍ଟର ଏବଂ ସମ୍ପୂର୍ଣ P, K ଏବଂ N ର ଅଧାକୁ ଗଛ ଲଗେଇବା ସମୟରେ ଅବଶିଷ୍ଟ N କୁ ପ୍ରଥମ କୁଡା ଖୋସା ଏବଂ ଘାସ ସଫା କରିବା ସମୟରେ ପ୍ରୟୋଗ କରନ୍ତୁ । ଗଛ ୧୫ ଦିନ ହୋଇଯିବା ପାରେ ସେଥିରେ ପ୍ରଥମ କୁଡା ଖୋସା, ଘାସ ସଫା ଏବଂ ଘନ ହୋଇଯାଇଥିବା ଗଛକୁ ଉପାଡିବା କାର୍ଯ୍ୟ କରାଯିବା ଉଚିତ । ୪ ରୁ ୫ ପତ୍ର ହୋଇଥିବା ଅବସ୍ଥାରେ ମାଟିରେ ଆର୍ଦ୍ରତା ରହିବା ଦରକାର ତେଣୁ ସେଥିରେ ଗୋଟେ ଜଳସେଚନ ଦେବା ପାଇଁ ପରାମର୍ଶ ଦିଆଯାଇଅଛି । |
| ସୋରିଷ | କାଟିବା ଏବଂ ସୁଖେଇବା ଅବସ୍ଥା | ଆଗକୁ ବର୍ଷା ହେବାର ସମ୍ଭାବନାକୁ ଧ୍ୟାନରେ ରଖି ଚାଷୀ ଭାଇମାନଙ୍କୁ ବାହାରେ କଟା ହୋଇ ରଖା ହୋଇଥିବା ଫସଲକୁ ସୁରକ୍ଷିତ ଜାଗାରେ ରଖିବା ତଥା ଫସଲ କାଟିବା କାର୍ଯ୍ୟ କିଛି ଦିନ ପାଇଁ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଅଛି । |
| ଆମ୍ବ | ପୁଷ୍ପ ଏବଂ ସୋରିଷ ଆକାରର ଫଳ ଅବସ୍ଥା | ଆମ୍ବ ଗଛରେ ଆମ୍ବ ହପରକୁ ନିୟନ୍ତ୍ରଣ କରିବା ପାଇଁ ୧ ଗ୍ରାମ୍ ଏସିଫେଟ୍ କିମ୍ବା ୦.୫ ମିଲି କ୍ଲୋରୋପାଇରିଫସ୍ କିମ୍ବା ୦.୩ ରୁ ୦.୪ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ମିଶାଇ ଗଛରେ ପ୍ରୟୋଗ କରିବାକୁ ପରାମର୍ଶ ପରାମର୍ଶ ଦିଆଯାଇଅଛି । ପୂର୍ଣ୍ଣତଃ ଫୁଲ ଫୁଟିବା ସମୟରେ କୀଟନାଶକ ଔଷଧର ବ୍ୟବହାର ଅଧିକ ଜରୁରୀ ନ ହେଲେ ସ୍ଥଗିତ ରଖିବା ଉଚିତ କାରଣ ଏହା ଉପକାରୀ କୀଟଙ୍କ ସଂଖ୍ୟାକୁ ହ୍ରାସ କରିପାରେ ଯାହା ପରାଗଣରେ ସାହାଯ୍ୟ କରିଥାଏ । ଆମ୍ବ ଗଛରେ ଧଳା ପାଉଡରର ସ୍ତର ଲାଗିରହିଲା ପରି ରୋଗର ଲକ୍ଷଣ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୨ ଗ୍ରାମ ଦ୍ରବୀଭୂତ ସଲଫରକୁ ପ୍ରତି ଲିଟର ପାଣିରେ ମିଶାଇ ଆକାଶ ସଫା ଥିବା ସମୟରେ ଗଛରେ ପ୍ରୟୋଗ କରାନ୍ତୁ । ଯଦି ଆମ୍ବ ଗଛରେ ଫଳ ସୋରିଷ ଆକାରର ହୋଇଗଲାଣି ସେଥିରେ ୨ ପ୍ରତିଶତ $KNO_3$ ର ପ୍ରୟୋଗ କରିପାରିବେ କାରଣ ଏହା ଆଗକୁ ଫଳର ଆକାର ବୃଦ୍ଧି କରିବାରେ ସହାୟକ ହୋଇଥାଏ । |
| ପନିପରିବା | ଗଛ ଲଗେଇବା / ବନସ୍ପତି ବିକାସ | ଆସନ୍ତା ସପ୍ତାହରେ ବର୍ଷାର ସମ୍ଭାବନାକୁ ଦେଖି କୋଡା ଖୋସା, ଜଳସେଚନ ଏବଂ ଘାସ ନିୟନ୍ତ୍ରଣ କାର୍ଯ୍ୟ କିଛି ଦିନ ପାଇଁ ସ୍ଥଗିତ ରଖିବାକୁ ଏବଂ ଆବଶ୍ୟକତା ଅନୁଯାୟୀ ଖେତରେ ଜଳ ରଖି ଅଧିକ ଜଳର ନିଷ୍କାସନ ପାଇଁ ଉଚିତ ପ୍ରବନ୍ଧ କରିବାକୁ ପରାମର୍ଶ ଦିଆଯାଇଅଛି । |
| ଗାଈ | ପଶୁମାନଙ୍କୁ ଖୁରା ରୋଗ, HS ଏବଂ BQ ରୋଗର ସଂକ୍ରମଣରୁ ରକ୍ଷା କରିବା ପାଇଁ ଏହାର ଟୀକାକରଣ ନିଶ୍ଚୟ କରାନ୍ତୁ । ଗୁହାଳକୁ ସବୁବେଳେ ସଫା ଏବଂ ଶୁଖିଲା ରଖନ୍ତୁ ଯାହାଦ୍ୱାରା ପଶୁମାନେ ରୋଗ ଓ ପୋକ ଜୋକ ରୁ ସୁରକ୍ଷିତ ରହିବେ ଏବଂ ରୋଗିଣା ପଶୁମାନଙ୍କୁ ସୁସ୍ଥ ପଶୁମାନଙ୍କଠୁ ଅଲଗା ରଖନ୍ତୁ । ବର୍ଷା ଜଳ ଗୁହାଳ ଭିତରକୁ ନ ପଶିବା ପାଇଁ ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି । | |


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ/ଇୟରଲିଙ୍ଗ, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ର ବ୍ୟବହାର କରିପାରିବେ।